






ବୃକ୍ଷମୂଳରେ ବସି ବସି ଏପରି ଏକ ଅତୀନ୍ଦ୍ରିୟ କ୍ଷମତା ହାସଲ କରିନେଉଛି ଯେ ତାହାରି ମାଧ୍ୟମରେ ସେ ପ୍ରତ୍ୟକ୍ଷ କରୁଛି ଅତୀତର କାହାଣୀ ଓ ଛବିଳ ଚିତ୍ରବୀଥି । କେବଳ ଅତୀତ ବା ଇତିହାସର ବ୍ୟାଖ୍ୟା ଏହି ଉପନ୍ୟାସର ଉଦ୍ଦେଶ୍ୟ ନୁହେଁ, ଏଥିରେ ମଣିଷ ଜୀବନର ପରା-ଚେତନା ଓ ମନୋବୃତ୍ତି ପ୍ରତିବିମ୍ବିତ କରିବା ମଧ୍ୟ ଅନ୍ୟତମ ଆକାଙ୍କ୍ଷା । ବହୁ ଜୀବନଗାଥାର ବର୍ଣ୍ଣନ ମାଧ୍ୟମରେ କୋମଳ ସମ୍ବେଦନଶୀଳତାର ସହ ତାହା ଆମର ଏଇ ପିଢ଼ିକୁ କହି ଦେଉଛି ଯେ ଏଇ ସଂସାରର ସବୁଠୁ ବଡ଼ ଶକ୍ତି ଓ ମଣିଷପଣିଆର ବଡ଼ ଗୁଣ ହେଉଛି 'କରୁଣା' । କରନ୍ତଙ୍କ କଥାଶିଳ୍ପର ଆଉ ଏକ ବିଶେଷତ୍ୱ ହେଲା ବ୍ୟଙ୍ଗ ବା ହାସ୍ୟରସ୍ୟ । ସେ ଏହାରି ମାଧ୍ୟମରେ ଜଟିଳତମ ତତ୍ତ୍ୱକୁ ସରଳ ଭାବେ ଉପସ୍ଥାପନ କରିବା ସହିତ ଆମ ପରମ୍ପରାଗତ ଅବଧାରଣା ପ୍ରତି କୁଠାରଘାତ ମଧ୍ୟ କରିଛନ୍ତି । ଯାହାସବୁ ଆମ ଧାର୍ମିକ ମାନ୍ୟତା ଓ ସାମାଜିକ ଧାରଣା ସହିତ ମେଳ ଖାଉନାହିଁ । ସେସବୁ ପ୍ରସଙ୍ଗକୁ ଏକ ନୂଆ ଦୃଷ୍ଟିରେ ପରଖିବା ପାଇଁ ଖୋରାକ ଯୋଗାଇ ଦେଉଛି ଏହି ଉପନ୍ୟାସ, ବିଶେଷ କରି ଏହାର ସେହି ପ୍ରମୁଖ ବୃଦ୍ଧା ଚରିତ୍ର । ଜୀବନ ଯାପନର ଯାବତୀୟ ଗୋପନ ଭୋଗ ପ୍ରସଙ୍ଗକୁ କରନ୍ତଙ୍କ ଦର୍ଶନ ଅଣଦେଖା ନ କରି ଏକ ତର୍କ ସମ୍ବଳିତ ମନୋବୈଜ୍ଞାନିକ ଓ ଦାର୍ଶନିକ ଦୃଷ୍ଟିରେ ବୃଦ୍ଧା ମାଧ୍ୟମରେ ପ୍ରକାଶିତ ହୋଇଛି ।

କଥାଶିଳ୍ପୀ କରନ୍ତଙ୍କ ଅନ୍ୟ ଏକ ଚର୍ଚ୍ଚିତ କୃତି ହେଉଛି ତାଙ୍କର ଆତ୍ମକଥା 'ପାଗଳ ମନର ଦଶଟି ରୂପ' । ସାଧାରଣ ଲୋକମାନଙ୍କର ଜୀବନ ଯାପନ କ୍ଷେତ୍ରରେ ମାନସିକ ସାହସିକତା ପ୍ରଦାନ ଲକ୍ଷ୍ୟରେ ସେ ତାହା ରଚନା କରିଛନ୍ତି । ସେ ଥରେ କହିଥିଲେ, "ମୁଁ ମୋ ମନକୁ ପାଗଳ ବୋଲି କାହିଁକି ଅଭିହିତ କରିଥାଏ ? ଏହାର କାରଣ ଏହା ନୁହେଁ ଯେ ମୁଁ ଏହି ପାଗଳପଣକୁ ଭଲ ପାଏ ନାହିଁ । ବରଂ ମୁଁ ଏହାକୁ ଚାହେଁ ଓ ସ୍ୱାଗତ କରିଥାଏ । ଏହା ଫଳରେ ମୁଁ ନିଜକୁ ଓ ସଂସାରକୁ ବୁଝିବାରେ ସକ୍ଷମ ହୋଇଥାଏ । ଆଉ ଏକ ବିଶେଷ କାରଣ ହେଉଛି ଯେ ମୁଁ ମୋର ଶୈଶବ ଓ କୈଶୋର ଜୀବନକୁ ଦିକ୍‌ଶୂନ୍ୟ ଛାତ୍ର ଜୀବନରେ ହରାଇ ଦେଇଛି । ତାପରେ ମୁଁ ଯେତେବେଳେ ସାର୍ବଜନୀନ ଜୀବନ ଯାପିବା ଆରମ୍ଭ କଲି ସେତେବେଳେ ତାହା ଦେଶଭକ୍ତି ପ୍ରତି ଆକର୍ଷିତ ହୋଇସାରିଥିଲା । ଫଳତଃ ମୁଁ ଅସହଯୋଗ ଆନ୍ଦୋଳନକୁ ଲମ୍ଫ ଦେଲି । ଭଗବାନଙ୍କର ଯଦି ଦଶ ଅବତାର ଥାଏ, ତାହାଲେ ମୋର ରହିଛି ଷୋଡ଼ଶ ଅବତାର । ଦେଶପ୍ରେମ, ସ୍ୱଦେଶୀ ପ୍ରଚାର, ବ୍ୟାପାର, ସାମ୍ପ୍ରଦିକତା, ଆଧାତ୍ମିକ ସାଧନା, କଳାର ବିଭିନ୍ନ ରୂପ – ଫଟୋଗ୍ରାଫି, ନାଟକ, ନୃତ୍ୟ, ଚିତ୍ରକଳା, ବାସ୍ତୁକଳା, ସଙ୍ଗୀତ, ସିନେମା କେବଳ ନୁହେଁ, ଏଥି ସହିତ ରହିଛି ସମାଜ ସଂସ୍କାର, ଗ୍ରାମ୍ୟବିକାଶ, ଶିକ୍ଷା କ୍ଷେତ୍ରରେ ନବଜାଗରଣ, ଶିଳ୍ପ ସ୍ଥାପନ । ମୁଁ ଏହି ସବୁ କର୍ମ ସମ୍ପାଦନ ଭିତରେ ଦେଇ ମୋ ଜୀବନକୁ ଗଢ଼େଇ ଆଣିଛି । ମୁଁ କେବଳ ଲେଖକୀୟ କର୍ମ କରିନାହିଁ ବରଂ ଜଣେ ମୁଦ୍ରାକର, ପ୍ରକାଶକ ଓ ପୁସ୍ତକ ବିକ୍ରେତାର କାମ ବି କରିଛି । ସ୍ୱାଧୀନ ଜୀବନରୁ ଆରମ୍ଭ କରି ସନ୍ନ୍ୟାସ ଜୀବନ ମଧ୍ୟ ଦେଇ ଜଣେ ଗୃହସ୍ଥର ଜୀବନ ଯାପନ କରିଛି । ମୋ ଜୀବନ ଝରକା ଦେଇ ମୁଁ ସଂସାର ଦେଖିଛି ଓ ତାକୁ ଜଣେ ଲେଖକ ଭାବେ ଲେଖିଛି । ମୋର ଏହି ଯାତ୍ରାରେ ଯଦି କେହି ସହଯାତ୍ରୀ ଥାଆନ୍ତେ ତାହାଲେ ସେ ସ୍ପଷ୍ଟ ଭାବେ ହୃଦୟଙ୍ଗମ କରିପାରନ୍ତେ ଯେ ମୋ ଜୀବନ ଉପରେ କ'ଣ ସବୁ ପ୍ରଭାବ ପଡ଼ିଛି ।"

କରନ୍ତଙ୍କର ଏହି ବ୍ୟାପକ ଦୃଷ୍ଟିର ଫଳ ହେଉଛି ତାଙ୍କ ଅନ୍ତର୍ଦୃଷ୍ଟିରେ ରଚିତ ହୋଇଥିବା ତାଙ୍କ ରଚନା ସମ୍ଭାର । ସେ ଥିଲେ ଭାରତୀୟ କଳାର ଜଣେ ମୁଗ୍ଧ ପ୍ରଶଂସକ । ଏକଦା କାନ୍ଧରେ ଏକ ଝୁଲା ପକାଇ ସାରା ଦେଶ ଭ୍ରମଣ କରି ବିଭିନ୍ନ କଳାକୃତିକୁ ଦେଖିଛନ୍ତି ଏବଂ କଳା ସ୍ଥାପତ୍ୟ ଓ